# ଓପିଜିସି ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଇବ୍ ଥର୍ମାଲ୍, ୨୭/୮(ନି.ପ୍ର): ଇବ୍ ଥର୍ମାଲ୍ ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କରେ ସ୍ୱାସ୍ଥ୍ୟ ପରିମଳ ଏବଂ ପରିବେଶ ଆଦି କ୍ଷେତ୍ରରେ ସୁଧାର ଆଣିବା ପାଇଁ ଓପିଜିସିର ନିରନ୍ତର ପ୍ରଚେଷ୍ଟାର ଅଂଶ ସ୍ୱରୂପ ଓପିଜିସି ପକ୍ଷରୁ ଡିଲିଆ ଗ୍ରାମର ତୁଳସି ସାହୁ ଉଚ୍ଚ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ପରିମଳ ଏବଂ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପରିମଳ ଏବଂ ପରିବେଶ ସୁରକ୍ଷା ସଚେତନତା ବିଷୟ ନେଇ ପୋଷ୍ଟର୍ ଏବଂ ସ୍ଲୋଗାନ୍ ଲେଖା ପ୍ରତିଯୋଗିତା ହୋଇଥିଲା । ହାଉସ୍‌କିପିଙ୍ଗ୍ ଏବଂ ବୃକ୍ଷ ରୋପଣ ଆଦି ଆୟୋଜନ କରାଯାଇଥିଲା । ଓପିଜିସିର ସିଏସ୍ଆର୍ ଦଳ, ଆଇଟିପିଏସ୍ ଲେଡିଜ୍ କ୍ଲବ୍ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ବୃନ୍ଦ ଓ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସ୍କୁଲ୍ ଓ ହଷ୍ଟେଲ୍ ପରିସର ନିର୍ମଳ କରିବା ସଙ୍ଗେ ସଙ୍ଗେ ବିଦ୍ୟାଳୟ ହତା ମଧ୍ୟରେ ଚାରା ରୋପଣ କରିଥିଲେ ।

ଅପରାହ୍ନରେ ସ୍କୁଲ୍ ପିଲା ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ପରିମଳ ଏବଂ ପରିବେଶ ସୁରକ୍ଷାକୁ ନେଇ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଇଟିପିଏସ୍ ହସ୍ପିଟାଲ୍ ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ବିଜୟଲାଲ ବିଶ୍ୱାଳ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ପରିମଳ ଏବଂ ସାଧାରଣ ରୋଗ ଏବଂ ଏହାର ପ୍ରତିକାର ଆଦି ସମ୍ବନ୍ଧରେ ବୁଝାଇଥିଲେ । ଓପିଜିସି ସିଏସ୍ଆର୍ ଟିମ୍‌ର ସଦସ୍ୟ ଦିଲ୍ଲୀପ୍ ସେବକ, ମନବୋଧ ପଧାନ୍, ମଧୁମିତା ପ୍ରସାଦ ଓ ପରବିନ୍ଦର୍ ସିଂ, ଅବନି ନାୟକ ଏବଂ ଶଶୀଭୂଷଣ ଦାଶ ଆଇଟିପିଏସ୍ ଲେଡିଜ୍ କ୍ଲବ୍‌ର ସଦସ୍ୟ ଆଲୋକ ନନ୍ଦିନୀ ରଥ, ନିବେଦିତା ପ୍ରିୟଦର୍ଶିନୀ, ଜଶୋବନ୍ତି ଚୌଧୁରୀ, ନିରୁପମା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।